# ଜାତୀୟ କ୍ରୀଡା ଦିବସ ପାଳିତ

## Celebration of National Sports Day.

ଅନୁଗୋଳ,ତା. ୨୯.୮ : ଭାରତୀୟ ହକି ଖେଳର ଯାଦୁକର ଧ୍ୟାନ ଚାନ୍ଦଙ୍କର ଜନ୍ମ ଦିବସକୁ ଜାତୀୟ କ୍ରୀଡା ଦିବସ ଭାବେ ପ୍ରତ୍ୟେକ ବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରାଯାଉଛି । ଭାରତୀୟ କ୍ରୀଡା ପ୍ରତି ଥିବା ତାଂକର ମହାନ ଅବଦାନକୁ ମନେ ପକାଇ ତାଂକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ଅଗଷ୍ଟ ୨୯ ତାରିଖରେ ଦେଶବ୍ୟାପି ପାଳନ ହେଉଛି ।ଅନୁଗୋଳ ଜିଲ୍ଲା ସ୍ତରରେ ଆଜି ଏହି ଦିବସ ପାଳନ ଅବସରରେ ପୂର୍ବାହ୍ନରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ କ୍ରୀଡାବିତ୍‌ମାନଂକୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିବା ସହ କ୍ରୀଡା କ୍ଷେତ୍ରରେ ଧ୍ୟାନ ଚାନ୍ଦଂକର ଅବଦାନ ଅବିସ୍ମରଣୀୟ ଓ ଆମେ ସମସ୍ତେ ତାଂକର ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ର ଛାତ୍ରୀ ଓ କ୍ରୀଡାବିତ୍‌ମାନଂକୁ ପରାମର୍ଶ ଦେଇଥିଲେ । ପରେ ପରେ ଧ୍ୟାନ ଚାନ୍ଦଂକ ଆତ୍ମଜିବନୀ ଓ ଭାରତୀୟ କ୍ରୀଡାରେ ତାଂକର ଅବଦାନ ଶିର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହେବା ସହ ଅପରାହ୍ନରେ ମାବୁଢ଼ୀ ଓ ଅନଗୋଳ ଭେଟେରାନ୍ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ଖେଳ ସ୍ଥାନୀୟ ଅନୁଗୋଳ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା । ଏହି ଚିତ୍ତାକର୍ଷକ ଖେଳରେ ଭେଟେରାନ୍ ଦଳ ମା ବୁଢ଼ୀ ଦଳକୁ ୨-୦ ଗୋଲରେ ହରାଇ ବିଜୟ ଲାଭ କରିଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସିଠ ଆୟୋଜନ କରିଥିବାବେଳେ ଜିଲ୍ଲା ଶାରିରିକ ଶିକ୍ଷା ନିରିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର ସିହ୍ନା ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଓ କ୍ରୀଡାବିତ୍‌ମାନେ ଅଂଶଗ୍ରହଣ କରିଥିଲେ ।


କ୍ରୀଡ଼ା ଦିବସ
ତା ୨୯ ଅଗଷ୍ଟ
ଆୟୋଜକ :-
କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ
ଜିଲ୍ଲା ପ୍ରଶାସନ, ଅନୁଗୋଳ


ଜାତୀୟ କ୍ରୀଡ଼ା ଦିବସ
ତା ୨୯ ଅଗଷ୍ଟ
ଆୟୋଜକ :-
କ୍ରୀଡ଼ା ଓ ଯୁବ ସେବା ବିଭାଗ ଓ
ଜିଲ୍ଲା ପ୍ରଶାସନ, ଅନୁଗୋଳ